## ସଂକ୍ଷେପରେ

### ମହାରାଜା ଭଗୀରଥଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ଢେଙ୍କାନାଳ ଅଫିସ, ୨୫।୩:** ବାରମ୍ବାର ଦାବି ସତ୍ତ୍ୱେ ଢେଙ୍କାନାଳର ଗୌରବ ତଥା ମହାରାଜା ଭଗୀରଥ ମହେନ୍ଦ୍ର ବାହାଦୁରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉନାହିଁ। ଏହାକୁ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛି ଜିଲା ସକ୍ରିୟ ନାଗରିକ ପରିଷଦ। ମହାରାଜା ଭଗୀରଥ ମହେନ୍ଦ୍ର ବାହାଦୁରଙ୍କୁ ଢେଙ୍କାନାଳ ଗଡ଼ଜାତ ରାଜ୍ୟର ନବନିର୍ମାତା ବୋଲି ଅଭିହିତ କରାଯାଏ। ତାଙ୍କ ଉଦ୍ୟମରେ ଢେଙ୍କାନାଳରେ ଶିକ୍ଷାର ପ୍ରସାର ହୋଇଥିଲା। ଚିକିତ୍ସାଳୟ, ଡାକଘର ସ୍ଥାପନ, ରାସ୍ତା ଜଳାଶୟ ନିର୍ମାଣ, କୃଷି ଓ ଜମି ବନ୍ଦୋବସ୍ତ ଆଦି କ୍ଷେତ୍ରରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଢେଙ୍କାନାଳରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ଲାଗି ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ସଂସ୍କୃତି ପରିଷଦ ନିକଟରେ ଦାବି କରାଯାଇଥିଲା। ହେଲେ ସ୍ମାରକପତ୍ର ପ୍ରଦାନ କରାଯିବାର ବର୍ଷେ ବିତିଯାଇଥିଲେ ମଧ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଇତିହାସକୁ ସମ୍ମାନ ଜଣାଇ ମହାରାଜାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ଲାଗି ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ, ସାଧାରଣ ସମ୍ପାଦକ ରାଜୀବ ଲୋଚନ ସିଂଦେଓ, ସାମାଜିକ କର୍ମୀ ସୁକାନ୍ତ ମିଶ୍ର, ଶିକ୍ଷାବିତ୍ ବିଶ୍ୱନାଥ ମହାପାତ୍ର, ସମୀର ସାହୁ, ବିପ୍ରବର ସାହୁ, ଆଇନଜୀବୀ ପଦ୍ମଲୋଚନ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

### ଚେତାବନୀ ଦେଲେ ଏମ୍‌ପି
### ଏନ୍‌ଏଚ୍ କାର୍ଯ୍ୟ ତ୍ୱରାନ୍ୱିତ ନ ହେଲେ ଆନ୍ଦୋଳନ

**ଢେଙ୍କାନାଳ ଅଫିସ, ୨୫।୩:** କଟକ ଜିଲା ମଙ୍ଗୁଳିରୁ ଢେଙ୍କାନାଳ-ଅନୁଗୋଳ ଜିଲା ଦେଇ ସମ୍ବଲପୁରକୁ ସଂଯୋଗ କରୁଥିବା ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହୋଇଛି। ୫ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ ଏହି ୪ ଲେନ୍ ବିଶିଷ୍ଟ ରାସ୍ତା ପୂର୍ଣ୍ଣାଙ୍ଗ ରୂପ ନେଇପାରୁନାହିଁ। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ବ୍ୟକ୍ତ କରିବା ସହ ଶନିବାର କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖିଛନ୍ତି। ଏହି ବ୍ୟସ୍ତବହୁଳ ରାଜପଥରେ ଦୁର୍ଘଟଣା ବଢୁଥିବାରୁ ମୁଖ୍ୟମନ୍ତ୍ରୀ ଚିନ୍ତାବ୍ୟକ୍ତ କରିଛନ୍ତି। ସେହିପରି ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କ ଚରମ ଅବହେଳାରୁ ଏଭଳି ସମସ୍ୟା ଉପୁଜିଥିବା ଏମ୍‌ପି ମହେଶ ସାହୁ ଅଭିଯୋଗ କରିଛନ୍ତି। ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ ନ ହେଲେ ଏପ୍ରିଲ ପହିଲା ପରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଏମ୍‌ପି ଚେତାବନୀ ଦେଇଛନ୍ତି। ୫୫ନଂ. ରାଜପଥ କାମ ସରୁ ନ ଥିବାରୁ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଛି। ଏହାକୁ ନେଇ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ରାସ୍ତା ପାଇଁ ଜମି ହରାଇଥିବା ଲୋକଙ୍କୁ ଅଦ୍ୟାବଧି ଥଇଥାନ କରାଯାଇନାହିଁ। ସେମାନଙ୍କୁ କ୍ଷତିପୂରଣ ମଧ ପ୍ରଦାନ କରାଯାଉନାହିଁ। ଉକ୍ତ ରାସ୍ତା କାମ ବିଳମ୍ବ ଯୋଗୁ ଢେଙ୍କାନାଳ, ଅନୁଗୋଳ ଜିଲାବାସୀ ବହୁବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସମସ୍ୟା ସମ୍ପର୍କରେ ଏନ୍‌ଏଚ୍‌ଏଆଇ ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ ସୁଫଳ ମିଳୁନାହିଁ। ଢେଙ୍କାନାଳ ଓ ଅନୁଗୋଳ ଜିଲାବାସୀଙ୍କ ସ୍ୱାର୍ଥ ସମ୍ବଳିତ ଏହି ପ୍ରସଙ୍ଗକୁ ଅଣଦେଖା କରାଯାଉଥିବାବେଳେ ଏହାକୁ ଆଉ ବରଦାସ୍ତ କରାଯିବ ନାହିଁ। ଏଣିକି ଆନ୍ଦୋଳନ ତୀବ୍ରତର ହେବ ବୋଲି ଏମ୍‌ପି କହିଛନ୍ତି।

# ଅଢ଼େଇ ବର୍ଷରେ ୪,୧୭୪ ଲାଇସେନ୍ସ ରଦ୍ଦ

■ଟ୍ରାଫିକ୍ ନିୟମ ଭାଙ୍ଗି ଧରାପଡ଼ିଛନ୍ତି ସର୍ବାଧିକ
■୨ ଜାତୀୟ ରାଜପଥରେ ଯାଞ୍ଚ କଡ଼ାକଡ଼ି

**ଢେଙ୍କାନାଳ ଅଫିସ, ୨୫।୩**


ପରିବହନ ବିଭାଗ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଉଛି।

ଗାଡ଼ିଚାଳକ ଫୁ' କରିଦେଉଛନ୍ତି ଟ୍ରାଫିକ୍ ନିୟମ। ଟ୍ରାଫିକ୍ ପୋଷ୍ଟରେ ଲାଲ୍ ରଙ୍ଗର ବତି ଜଳୁଥିବା ସତ୍ତ୍ୱେ ଏହାକୁ ବେଖାତିର କରୁଛନ୍ତି। ବାଇକ୍ ଆରୋହୀମାନେ ବିନା ହେଲ୍‌ମେଟ୍‌ରେ ଦ୍ରୁତଗତିରେ ଗାଡ଼ି ଚଳାଉଛନ୍ତି। ୪ ଚକିଆ ଯାନର ଡ୍ରାଇଭର ଏବଂ ଯାତ୍ରୀ ବିନା ସିଟ୍‌ବେଲ୍ଟରେ ଯାତ୍ରା କରୁଛନ୍ତି। ଢେଙ୍କାନାଳ ଜିଲାର ବ୍ୟସ୍ତବହୁଳ ସଡ଼କରେ ଏଭଳି ଦୃଶ୍ୟ ନିତିଦିନିଆ ହୋଇଗଲାଣି। ଏଭଳି ବେପରୁଆ ଗାଡ଼ିଚାଳକଙ୍କୁ ସାବାଡ କରିବାକୁ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ନିୟମ ଭାଙ୍ଗିବା ଏବଂ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇବା ଅଭିଯୋଗରେ ଗତ ଅଢ଼େଇ ବର୍ଷ ମଧ୍ୟରେ ବିଭାଗ ପକ୍ଷରୁ ୪,୧୭୪ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି।

୨୦୨୧ରେ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଇ ନିୟମ ଉଲ୍ଲଂଘନ ଅଭିଯୋଗରେ ମୋଟ ୧୦୭୬ଟି ଲାଇସେନ୍ସ ରଦ୍ଦ କରାଯାଇଥିଲା। ତନ୍ମଧ୍ୟରେ ଓଭରଲୋଡିଂ ପାଇଁ ୧୧୮ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଅନୁରୂପ ଭାବେ ଦ୍ରୁତଗତିରେ ଗାଡ଼ିଚାଳନା ପାଇଁ ୧୮୭, ନିଶା ସେବନ କରି ଗାଡ଼ିଚାଳନା ପାଇଁ ୩୩, ରେଡ୍‌ଲାଇନ୍ ପାର୍ ହେବା ପାଇଁ ୩, ବେପରୁଆ ଗାଡିଚାଳନା ପାଇଁ ୭୨, ଅଧିକ ଯାତ୍ରୀ ପରିବହନ ପାଇଁ ୧୨, ଗାଡ଼ିଚାଳନା ବେଳେ ମୋବାଇଲ ଫୋନ ବ୍ୟବହାର ପାଇଁ ୪୬, ସିଟ୍ ବେଲଟ୍ ପାଇଁ ୯୪, ହେଲ୍‌ମେଟ ନ ପିନ୍ଧିବାରୁ ୫୧୧ ଜଣଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସେମାନଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି ।

ସେହିପରି ୨୦୨୨ରେ ମୋଟ ୨,୩୪୪ଟି ଲାଇସେନ୍ସ ରଦ୍ଦ କରାଯାଇଛି। ସେଥିରୁ ଓଭରଲୋଡିଂ ୨୮୯, ଦ୍ରୁତଗତି ୮୮୨, ନିଶାସେବନ କରି ଗାଡ଼ି ଚାଳନା ୧୪୮, ବେନିୟମ ଭାବେ ରେଡ୍‌ଲାଇଟ୍ ପାର ହେବା ୧, ବେପରୁଆ ଗାଡ଼ିଚାଳନା ୪୫, ଅଧିକ ଯାତ୍ରୀ ପରିବହନ ୨୧, ମୋବାଇଲ ଫୋନ ବ୍ୟବହାର ୪୦, ବିନା ସିଟ୍ ବେଲ୍ଟରେ ଗାଡ଼ିଚାଳନା ୩୯, ବିନା ହେଲ୍‌ମେଟ୍‌ରେ ଯାତ୍ରା ଅଭିଯୋଗରେ ୯୫୮ ଲାଇସେନ୍ସ ରଦ୍ଦ କରାଯାଇଛି। ଅନୁରୂପ ଭାବେ ୨୦୨୩ ଜାନୁୟାରୀରୁ ମାର୍ଚ୍ଚ ୧୫ ମଧ୍ୟରେ ୭୫୪ଟି ଲାଇସେନ୍ସ ରଦ୍ଦ ହୋଇଛି। ସେଥିରୁ ଓଭରଲୋଡିଂରେ ୬୭, ମଦ୍ୟପାନ କରି ଗାଡ଼ିଚାଳନାରେ ୪୯, ଦ୍ରୁତଗତି ପାଇଁ ୨୭୨, ବେପରୁଆ ଗାଡ଼ିଚଳାଇ ପାଇଁ ୪, ଅଧିକ ଯାତ୍ରୀ ପରିବହନ ପାଇଁ ୯, ମୋବାଇଲ ଫୋନ୍ ବ୍ୟବହାର କରି ୧୭ ଓ ବିନା ହେଲ୍‌ମେଟ୍‌ରେ ଗାଡ଼ିଚାଳନା ପାଇଁ ୩୩୬ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି ।

ଏ ସଂକ୍ରାନ୍ତରେ ମୋଟରଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ କୁହନ୍ତି, ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୫୩ନଂ. ଓ ୫୫ନଂ. ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥରେ ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଅଢ଼େଇ ବର୍ଷ ଭିତରେ ୪,୧୭୪ ଲାଇସେନ୍ସ ରଦ୍ଦ କରାଯାଇଛି। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ ମିଶ୍ର କୁହନ୍ତି, ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଦୁର୍ଘଟଣାରେ ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ମୃତକଙ୍କ ପରିବାରକୁ ଆଇନଗତ ଭାବେ ସହାୟତା ରାଶି ପ୍ରଦାନ କରାଯାଉଛି। ଜିଲାରେ ୫ ମୃତକଙ୍କ ପରିବାର ଏହାର ଅପେକ୍ଷାରେ ରହିଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ସହାୟତା ରାଶି ପ୍ରଦାନ କରାଯିବ।

### ସହାୟତା ଅପେକ୍ଷାରେ ୫

ସଡ଼କ ଦୁର୍ଘଟଣାରେ କୌଣସି ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଗତ ଭାବେ ସମ୍ପୃକ୍ତ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଉଛି। ଗୁରୁତରଙ୍କ କ୍ଷେତ୍ରରେ ଏହି ସହାୟତା ୫୦ ହଜାର ଟଙ୍କା ରହିଛି। ତେବେ ଢେଙ୍କାନାଳ ଜିଲାରେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ୫ ମୃତକଙ୍କ ପରିବାର ଅଦ୍ୟାବଧି ସହାୟତା ରାଶି ପାଇ ନ ଥିବା ଜଣାପଡ଼ିଛି।

୨୦୨୨ରେ ୨୧ ମୃତକଙ୍କ ପରିବାର ସହାୟତା ରାଶି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ତନ୍ମଧ୍ୟରୁ ୧୭ଜଣଙ୍କୁ ସହାୟତା ଦିଆଯାଇଛି। ଇତିମଧ୍ୟରେ ୧ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ ଅନ୍ୟ ୪ଜଣ ଏଥିରୁ ବଞ୍ଚିତ ହୋଇ ରହିଛନ୍ତି। ସେହିପରି ୨୦୨୩ ଜାନୁୟାରୀରୁ ୧୫ ମାର୍ଚ୍ଚ ମଧ୍ୟରେ ୧୩ ପରିବାରକୁ ସହାୟତା ରାଶି ମିଳିଥିବା ବେଳେ ୧୨ ଜଣଙ୍କୁ ପ୍ରଦାନ କରାଯାଇଛି।

### ଲୁଟ୍ ଘଟଣାର ସାଇଣ୍ଟିଫିକ୍ ତଦନ୍ତ

**ଭୁବନ, ୨୫।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ଅଧୀନ ମହିଳା କଲେଜ ରୋଡ୍ ପାର୍ଶ୍ୱରେ ରହୁଥିବା କାଳିନ୍ଦୀ ଚରଣ ସାହୁଙ୍କ ଘରୁ ହୋଇଥିବା ଲୁଟ୍ ଘଟଣାରେ ଶନିବାର ସାଇଣ୍ଟିଫିକ୍ ତଦନ୍ତ ଆରମ୍ଭ ହୋଇଛି। ଢେଙ୍କାନାଳରୁ ଆସିଥିବା ତଦନ୍ତକାରୀ ଦଳର ଅଧିକାରୀମାନେ ବିଭିନ୍ନ ଦିଗକୁ ନେଇ ତନାଘନା କରିଛନ୍ତି। ତେବେ ଘଟଣାର ୪୮ ଘଣ୍ଟା ପରେ ଅଭିଯୁକ୍ତଙ୍କ ନିକଟରେ ପୋଲିସ ପହଞ୍ଚ ପାରିନାହିଁ। ଅନ୍ୟପଟେ ଲୁଟ୍‌ର ଶିକାର ହୋଇଥିବା କାଳିନ୍ଦୀଙ୍କ ଅଭିଯୋଗ କ୍ରମେ ଥାନାରେ ନଂ.୯୫/୨୩ ମାମଲା ରୁଜୁ କରାଯାଇଛି। ବିଭିନ୍ନ ଛକରେ ଲାଗିଥିବା ସିସିଟିଭି କ୍ୟାମେରାରୁ ଅଭିଯୁକ୍ତଙ୍କ ସମ୍ପର୍କରେ ସୁରାକ ପାଇବାକୁ ପୋଲିସ ଉଦ୍ୟମ କରୁଛି। ସେହିପରି ସହରରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖାଯାଇଛି। ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଧରାପଡ଼ିବେ ବୋଲି ଥାନାଧିକାରୀ ସୌଭାଗ୍ୟ କୁମାର ସାଇଁଙ୍କ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କାଳିନ୍ଦୀଙ୍କ ଅନୁପସ୍ଥିତିର ସୁଯୋଗରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଝରକା ତାଡ଼ି ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଏବଂ ନଗଦ ୧ ଲକ୍ଷ ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା।

# ପୋଲିସ କବ୍‌ଜାରେ ମାଷ୍ଟରମାଇଣ୍ଡ୍ ଦୀପୁ

## ବାରଦା ଏଟିଏମ୍ ଲୁଟ ଘଟଣା


ଗିରଫ ଅଭିଯୁକ୍ତ ଦୀପୁ।

**ଢେଙ୍କାନାଳ ଅଫିସ, ୨୫।୩**

ଢେଙ୍କାନାଳ ସଦର ଥାନା କାନାରା ବ୍ୟାଙ୍କ ବାରଦା ଶାଖାର ଏଟିଏମ୍ ଲୁଟ ଘଟଣାର ମାଷ୍ଟରମାଇଣ୍ଡ୍ ଦୀପୁ ନାୟକ (୨୮) ପୋଲିସ ହାତରେ ଧରାପଡ଼ିଛନ୍ତି। ଅନୁଗୋଳ ଏବଂ ଢେଙ୍କାନାଳ ଜିଲା ପୋଲିସର ମୁଣ୍ଡବ୍ୟଥା ବଢ଼ାଇଥିବା ଦୀପୁଙ୍କ ନାମରେ ୨୮ଟି ଡକାୟତି ଏବଂ ଲୁଟ ମାମଲା ରହିଛି। ଅଭିଯୁକ୍ତଙ୍କ ଘର ଅନୁଗୋଳ ଜିଲା ତାଳଚେର ଥାନା କିଶୋରପାଳ ବିହାରପୁର ଅଞ୍ଚଳରେ। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଘଟଣାଦିନ ଅର୍ଥାତ୍ ଗତ ଜାନୁୟାରୀ ୨୫ରେ ଅପରାହ୍ନ ୧ଟାରୁ ସାଢ଼େ ୧ଟା ମଧ୍ୟରେ ୧୦ ଜଣ ଯୁବକ ବାରଦାସ୍ଥିତ କାନାରା ବ୍ୟାଙ୍କ ଏଟିଏମ୍‌ରୁ ମେଶିନ, ଅନ୍ୟାନ୍ୟ ସାମଗ୍ରୀ ନେଇ ପଳାଇଥିଲେ। ତେବେ ଟଙ୍କା ଲୁଟ୍ କରି ପାରି ନ ଥିଲେ। ଏ ନେଇ ନଂ. ୫୭/୨୩ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ସଦର ଥାନା ସଦାଶିବପୁର ଅଞ୍ଚଳର ହାଡ଼ିବନ୍ଧୁ ସେଠୀ ଓରଫ ହାଡ଼ିଆ (୨୮), ସର୍ବେଶ୍ୱର ନାୟକ ଓରଫ ମଣ୍ଟୁ (୩୩), ମୋଟଙ୍ଗା ଥାନା କୋଚିଲାମଡ଼ା ଗ୍ରାମର ଶାନ୍ତନୁ ଗଡ଼ନାୟକ (୩୫), ସଦାଶିବପୁର ଗ୍ରାମର କାହ୍ନା ନାୟକ (୨୧)ଙ୍କୁ ପୋଲିସ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଦୀପୁ ଫେରାର ଥିଲେ। ମୋଟଙ୍ଗା ଅଞ୍ଚଳରେ ଦୀପୁ ବୁଲୁଥିବା ସୂଚନା ମିଳିବା ପରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶରେ ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ନେତୃତ୍ୱରେ ସଦର ଥାନା ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ ସଦଳବଳ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ।

### ୨୮ ଲୁଟ, ଡକାୟତି ମାମଲାରେ ସମ୍ପୃକ୍ତ

ବାରଦା ଏଟିଏମ୍ ଲୁଟ୍ ଘଟଣାରେ ସଦର ଥାନା ପୋଲିସ ହାତରେ ଧରାପଡ଼ିଥିବା ଦୀପୁ ନାୟକ ଜଣେ ପେସାଦାର ଆନ୍ତଃଜିଲା ଅପରାଧୀ। ତାଙ୍କ ନାମରେ ଅନୁଗୋଳ ଜିଲାର ବିକ୍ରମପୁର ଥାନା, କଲିୟରି ଥାନା, ତାଳଚେର ଥାନା, ବଅଁରପାଳ ଥାନା, ଖମାର ଥାନା, ଜରପଡା ଥାନା, ପାଲଲହଡ଼ା ଥାନା, ଢେଙ୍କାନାଳ ଜିଲାର ପରଜଙ୍ଗ ଓ ସଦର ଥାନାରେ ୨୮ଟି ଲୁଟ୍ ଓ ଡକାୟତି ମାମଲା ରହିଛି। ତନ୍ମଧ୍ୟରୁ କଲିୟାରୀ ଥାନାରେ ୯ଟି, ତାଳଚେର ଥାନାରେ ୮ଟି ଏବଂ ପରଜଙ୍ଗ ଥାନାରେ ୩ଟି ମାମଲା ରହିଥିବା ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



ବୈଠକରେ ଜିଲାସ୍ତରୀୟ ମିଳିତ ଅମଳା ମଞ୍ଚର କର୍ମକର୍ତ୍ତାମାନେ।

# ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଦରମା ଦାବି

**ଢେଙ୍କାନାଳ ଅଫିସ, ୨୫।୩**

## ଜିଲାସ୍ତରୀୟ ମିଳିତ ଅମଳା ମଞ୍ଚର ଆନ୍ଦୋଳନ ସଜବାଜ

ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ମିଳିତ ଅମଳା ମଞ୍ଚର ଏକ ଜରୁରୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଗତ ଯୋଗ୍ୟତା ଆଧାରରେ ଦରମା ନିର୍ଦ୍ଧାରଣ କରିବାକୁ ଦାବି କରାଯାଇଥିଲା। ରାଜ୍ୟ ସରକାରଙ୍କ ପାତରଅନ୍ତର ନୀତିର ପ୍ରତିବାଦ ସ୍ୱରୂପ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଛି। ଜିଲା ଅମଳା ସଂଘ ସଭାପତି ଅରୁଣ ବଳିଆରସିଂ, ରାଜସ୍ୱ ଅମଳା ସଂଘ ସଭାପତି ବିଭୂତି ଭୂଷଣ ପଟ୍ଟନାୟକ, ସମ୍ପାଦକ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଟ୍ରେଜେରି ଅମଳା ସଂଘର ମାନସ ରଞ୍ଜନ ପାତ୍ର, ଜତିନ ଦେହୁରୀ, ସବ୍‌ରେଜିଷ୍ଟ୍ରି ଅମଳା ସଂଘର ରାଜୀବ ସାହୁ, ହରମୋହନ ସାହୁ, ଓଡ଼ିଶା ଅମଳା ସଂଘ ସମ୍ପାଦକ ଗଣେଶ ଚନ୍ଦ୍ର ପୃଷ୍ଟିଙ୍କ ସମେତ ଜିଲାର ସମସ୍ତ ବିଭାଗର ଅମଳା ଉପସ୍ଥିତ ଥିଲେ।

ଅଭିଯୋଗ ଅନୁଯାୟୀ, ୨୦୧୭ରୁ ରାଜ୍ୟ ସରକାର ଜିଲାସ୍ତରୀୟ ଅମଳାଙ୍କ ଶିକ୍ଷାଗତ ଯୋଗ୍ୟତା କମ୍ପ୍ୟୁଟର ସହ ସ୍ନାତକ ବୋଲି ଧାର୍ଯ୍ୟ କରିଛନ୍ତି। ତେବେ ଅଦ୍ୟାବଧି ମାଟ୍ରିକ୍ ହାରରେ ଦରମା ଦିଆଯାଉଛି। ଏଭଳି ଅସଙ୍ଗତି ଅମଳାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଉଛି। ଶିକ୍ଷାଗତ ଯୋଗ୍ୟତା ଆଧାରରେ ଦରମା ଗ୍ରେଡ୍ ପେ' ୪୨୦୦, ଲେଭଲ-୯ ପ୍ରଦାନ କରିବା ପାଇଁ ଦାବି କରାଯାଉଥିବାବେଳେ ଏଥିରେ ରାଜ୍ୟ ସରକାର ଅହେତୁକ ବିଳମ୍ବ କରୁଛନ୍ତି। ତେଣୁ ନ୍ୟାଯ୍ୟ ଦାବି ହାସଲ କରିବା ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଏହି ଅବସରରେ ସର୍ବସମ୍ମତିକ୍ରମେ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଅଧ୍ୟକ୍ଷ ଓ ଅରୁଣ ବଳିଆରସିଂଙ୍କୁ ଆବାହକ ଭାବେ ମନୋନୀତ କରାଯାଇଛି। ଏଥିସହ ଜିଲାସ୍ତରୀୟ ୪୫ ଜଣିଆ କମିଟି ଗଠନ କରାଯାଇଛି। ଦାବି ହାସଲରେ ଢେଙ୍କାନାଳ ଜିଲାସ୍ତରୀୟ ମିଳିତ ମଞ୍ଚ ଶାଖା ରାଜ୍ୟ ସଂଘକୁ ସମସ୍ତ ସହଯୋଗ କରିବ ବୋଲି ସମସ୍ତେ ଶପଥ ନେଇଛନ୍ତି।

ବୈଠକରେ ରାକେଶ ସାହୁ, ମାନସ ସାହୁ, ସୁଦର୍ଶନ ସାହୁ, ରାଜେନ୍ଦ୍ର ଦେବତା, ରମାକାନ୍ତ ନନ୍ଦ, ବିଶ୍ୱରଞ୍ଜନ ବ୍ରହ୍ମ, ହେମନ୍ତ ବେହେରା, ଆର୍ଯ୍ୟଭୂଷଣ ନାୟକ, ଦିଲୀପ ପ୍ରଧାନ, ସନାତନ ସାହୁ, ଦିଲୀପ ସାହୁ, ଜଗଦୀଶ ପରିଡ଼ା, ବ୍ରଜବନ୍ଧୁ ସାହୁ, ସତ୍ୟବ୍ରତ ପରିଡ଼ା, ମନୋଜ ପରିଡ଼ା, ଶିଶିର ସ୍ୱାଇଁ, ବିଶ୍ୱ ପ୍ରକାଶ ଚୌଧୁରୀ, ବିକାଶ ବେହେରା, ବିକାଶ ଶତପଥୀ, ବାବୁରାମ ପାତ୍ର, ବିଭୁ ପ୍ରସାଦ ବେହେରା, ରାମଚନ୍ଦ୍ର ମହାରଣା, ସୁଶାନ୍ତ ସେଠୀ, ବ୍ରହ୍ମାନନ୍ଦ ସାହୁ, ସୁମନ୍ତ ବେହେରା, ସୁରମା ପଟ୍ଟନାୟକ, ସୁଜାତା ଦାସ, ଅନିତା ଦାସ, ବନଲତା ବେହେରା, ମିନତି ବେହେରା, ଅନିମା ଦାସ, ଶୈଳଜା ବେହେରା, ପ୍ରିୟଙ୍କା ମିଶ୍ର, ସଙ୍ଗୀତା ସାଥୁଆ ମହାପାତ୍ର, ତପସ୍ୱିନୀ ପାତ୍ର ଓ ସବିତା ସେଠୀଙ୍କ ସମେତ ବିଭିନ୍ନ ବିଭାଗରେ କାର୍ଯ୍ୟରତ ୨୦୦ରୁ ଊର୍ଦ୍ଧ୍ୱ ଅମଳା ଉପସ୍ଥିତ ଥିଲେ।

# ଗୋପାଳ ସଭାପତି, ପ୍ରଶାନ୍ତ ସମ୍ପାଦକ

## ଜିଲା ଆଇନଜୀବୀ ସଂଘ ନିର୍ବାଚନ

**ଢେଙ୍କାନାଳ ଅଫିସ,୨୫।୩**


ସଭାପତି ଗୋପାଳ ଚନ୍ଦ୍ର ପାତ୍ର।


ସମ୍ପାଦକ ପ୍ରଶାନ୍ତ କୁମାର ସାହୁ।

ଢେଙ୍କାନାଳ ଜିଲା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଶନିବାର ସଂଘ କାର୍ଯ୍ୟାଳୟ ପରିସରରେ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଗୋପାଳ ଚନ୍ଦ୍ର ପାତ୍ର, ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ସାହୁ ନିର୍ବାଚିତ ହୋଇଛନ୍ତି। ମୋଟ ୬୮୪ ସଦସ୍ୟଙ୍କ ମଧ୍ୟରୁ ୬୩୪ ଜଣ ମତଦାନ ସାବ୍ୟସ୍ତ କରିଥିଲେ। ସେଥିରୁ ୧୪ଟି ଭୋଟ ନାକଚ ହୋଇଥିଲା। ସଭାପତି ପଦବୀରେ ୬ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଗୋପାଳ ସର୍ବାଧିକ ୨୭୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସାଧାରଣ ସମ୍ପାଦକ ପଦବୀରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ପ୍ରଶାନ୍ତ ୩୪୯ ଖଣ୍ଡ ଭୋଟ ପାଇ ବାଜିମାତ୍ କରିଛନ୍ତି। ସେହିପରି ଉପସଭାପତି ସରୋଜ ପାଢ଼ୀ, ଯୁଗ୍ମ ସମ୍ପାଦକ ଅନନ୍ତ ସାହୁ, କୋଷାଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ରାଉତ, କାର୍ଯ୍ୟକାରିଣୀ ସଦସ୍ୟ ଶକ୍ତିବ୍ରତ କେଶରୀ ଦେବ, ପ୍ରେମାନନ୍ଦ ବିହାରୀ, ମଳୟ ପାଣିଗ୍ରାହୀ ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

ବରିଷ୍ଠ ଆଇନଜୀବୀ ଶ୍ରୀଧର ମିଶ୍ର, ସୁରେଶ ମହାପାତ୍ର, ବିଜୟ ଶଙ୍କର ସାହୁ, ରମାକାନ୍ତ ସ୍ୱାଇଁ, ଦୀପ୍ତିଶ ପଟ୍ଟନାୟକ, ଶୋଭନ କୁମାର ମିଶ୍ର, ହରିହର ସାହୁ, ସୁନୀଲ ଗଡ଼ନାୟକ, ସୁଜିତ ସର, ବନବିହାରୀ ପଣ୍ଡା, ମୋନାଲିସା ଧୀର ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ନବନିର୍ବାଚିତ ସଭାପତି ଗୋପାଳ ଚନ୍ଦ୍ର ପାତ୍ର ଜିଲା ବିଜେଡି ଆଇନ ସେଲର ଅଧକ୍ଷ ଅଛନ୍ତି। ଏଥିସହ ମିଳିତ ବଜାର ପୂଜା କମିଟି ସଭାପତି ଦାୟିତ୍ୱ ମଧ ତୁଲାଉଛନ୍ତି। ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଶ୍ରୀକାନ୍ତ ଧଳ ପ୍ରମୁଖ ନୂତନ ସଭାପତି ଗୋପାଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଅଧିକାଂଶ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ

■କାମାକ୍ଷାନଗରରେ କେବଳ ସମ୍ପାଦକ ପଦବୀରେ ପ୍ରତିଦ୍ୱନ୍ଦ୍ୱିତା
■ହିନ୍ଦୋଳ, ଭୁବନ ବାର୍ ଆସୋସିଏଶନର ସମସ୍ତେ ନିର୍ଦ୍ୱନ୍ଦ୍ୱ

**କାମାକ୍ଷାନଗର/ହିନ୍ଦୋଳ/ଭୁବନ, ୨୬।୩(ଡି.ଏନ୍.ଏ.)**


ଭୁବନ ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାମାନେ।


କାମାକ୍ଷାନଗର ବାର୍ ଆସୋସିଏଶନ ସଭାପତି ଏବଂ ସମ୍ପାଦକ।

ଢେଙ୍କାନାଳ ଜିଲାର ବିଭିନ୍ନ ବାର୍ ଆସୋସିଏଶନ ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଅଧିକାଂଶ ସ୍ଥାନରେ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। କାମାକ୍ଷାନଗରରେ ସମ୍ପାଦକ ପଦବୀକୁ ବାଦ୍‌ଦେଲେ ଅନ୍ୟ ସବୁ ପଦପଦବୀରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ଜିତିଛନ୍ତି। ସମ୍ପାଦକ ପଦବୀରେ ସୂର୍ଯ୍ୟକାନ୍ତ ବିଶ୍ୱାଳ ଏବଂ ଅଜିତ୍ ତ୍ରିପାଠୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ମୋଟ ୧୪୯ ଜଣ ସଦସ୍ୟ ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିବାବେଳେ ଗୋଟିଏ ଭୋଟ ନାକଚ ହୋଇଥିଲା। ୧୪୮ ଖଣ୍ଡ ବୈଧ ଭୋଟ ମଧ୍ୟରୁ ସୂର୍ଯ୍ୟକାନ୍ତ ୧୨୩ ଏବଂ ଅଜିତ୍ ୨୫ ଖଣ୍ଡ ଭୋଟ ପାଇଥିଲେ। ସଭାପତି ଭାବେ ଧର୍ମାନନ୍ଦ ମଲ୍ଲିକ, ଉପସଭାପତି ସଞ୍ଜୀବ କୁମାର ବେହେରା, ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳ, ସହସମ୍ପାଦକ ପ୍ରିୟବ୍ରତ ବେହେରା, କୋଷାଧ୍ୟକ୍ଷ ଅରୁଣ ନନ୍ଦ, ଲାଇବ୍ରେରିଆନ୍ ଅଜିତ୍ କୁମାର ଦାସ, ଏକଜିକ୍ୟୁଟିଭ୍ କମିଟି ସଭ୍ୟ ଅଶୋକ ଖୁଣ୍ଟିଆ, ବିମଳ ଚନ୍ଦ୍ର ବିଶ୍ୱାଳ, ମନୋଜ ସାହୁ, ସତ୍ୟଜିତ୍ ସାହୁ ଏବଂ ସୁଧାଂଶୁ ରଞ୍ଜନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସରକାରୀ ଓକିଲ ପ୍ରଭାସ ରଞ୍ଜନ ମିଶ୍ର ନିର୍ବାଚନ ପରିଚାଳନା କରିଥିଲେ।

ସେହିପରି ହିନ୍ଦୋଳ ବାର୍ ଆସୋସିଏଶନ ସଭାପତି ଭାବେ ବ୍ରହ୍ମାନନ୍ଦ ପଟ୍ଟନାୟକ ଓ ସମ୍ପାଦକ ଭାବେ ସଞ୍ଜୟ ପଟ୍ଟନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ମନୋଜ ମାହାଳିକ, ଯୁଗ୍ମ ସମ୍ପାଦକ, ଦେବାନନ୍ଦ ପଟ୍ଟନାୟକ, ଏକଜିକ୍ୟୁଟିଭ୍ ସଭ୍ୟ ପ୍ରକାଶ ନାୟକ, ଦୀପ୍ତିକାନ୍ତ ପ୍ରଧାନ, ସୁଶାନ୍ତ କୁମାର ସାହୁ ମଧ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ଶନିବାର କେବଳ ଆନୁଷ୍ଠାନିକ ଭାବେ ଫଳାଫଳ ଘୋଷଣା କରାଯାଇ ରାଜ୍ୟ ସଂଘକୁ ଅବଗତ କରାଯାଇଥିବା ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀ କାମାକ୍ଷା ପ୍ରସାଦ ଦାସ ଜଣାଇଛନ୍ତି। ସୋମବାର ସଂଘ କାର୍ଯ୍ୟାଳୟ ପରିସରରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

ଭୁବନ ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ଅଜୟ ଥାଟୋଇ, ଉପସଭାପତି ପ୍ରଶାନ୍ତ ମିଶ୍ର, ସମ୍ପାଦକ ପ୍ରକାଶ ନାୟକ ଏବଂ ଟ୍ରେଜରର ଭାବେ କୋଦଣ୍ଡଧର ନାୟକ ଅପ୍ରତିଦ୍ୱନ୍ଦ୍ୱୀ ଥିବାରୁ ମତଦାନ ହୋଇ ନ ଥିଲା। ବରିଷ୍ଠ ଆଇନଜୀବୀ ଦିବାକର ଦାସ ନିର୍ବାଚନ ପରିଚାଳନା କରିଥିଲେ।

## ଟ୍ୟାକ୍ସ ବାର୍‌ରେ ସମସ୍ତେ ନିର୍ଦ୍ୱନ୍ଦ୍ୱ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲା ଟ୍ୟାକ୍ସ ବାର୍ ଆସୋସିଏଶନ ପକ୍ଷରୁ ଶନିବାର ନାମାଙ୍କନ କରାଯାଇଥିଲା। ତେବେ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ କେହି ନ ଥିବାରୁ ନିର୍ଦ୍ୱନ୍ଦ୍ୱରେ ସମସ୍ତେ ନିର୍ବାଚିତ ହୋଇଥିଲେ। ସଭାପତି ଭାବେ ଅମ୍ବିକା ପ୍ରସାଦ ସାହୁ, ଉପସଭାପତି ଲକ୍ଷ୍ମୀକାନ୍ତ ପାଣି, ସାଧାରଣ ସମ୍ପାଦକ ଅମୀନ ନରୋଦ୍ଦିନ, ଯୁଗ୍ମ ସମ୍ପାଦକ ଭାବେ ପ୍ରକାଶ ଚନ୍ଦ୍ର ଦାସ ଓ କୋଷାଧ୍ୟକ୍ଷ ଭାବେ ବିନୋଦ ପାଟୋଦିଆ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଶ୍ରୀକାନ୍ତ ବିଶ୍ୱାଳ ସୂଚନା ପ୍ରଦାନ କରିଛନ୍ତି।



## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

**ବଇଁଣ୍ଡା, ୨୫।୩ (ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ଶନିବାର ଆନନ୍ଦପୁର ଗ୍ରାମରେ ଚଢ଼ାଉ କରି ଫେରାର ଥିବା ଅଭିଯୁକ୍ତା ସୀତା ଭୋଇଙ୍କୁ ଗିରଫ କରିଛି। ତାଙ୍କ ନାମରେ ୨୦୦୫ ମସିହାରେ ମାମଲା ଥିବାବେଳେ ସେ ଦୀର୍ଘ ଦିନ ହେବ ଫେରାର ଥିଲେ। ଘରେ ଥିବା ଖବରପାଇ ଠାକୁରଗଡ଼ ପୋଲିସ ଚଢ଼ାଉ କରି ଗିରଫ କରିଥିଲା।

### ଅବକାରୀ ଚଢ଼ାଉ, ୨ ଗିରଫ

**ବଇଁଣ୍ଡା, ୨୫।୩ (ଡି.ଏନ.ଏ.):** ଆଠମଲ୍ଲିକ ଓ ବଇଁଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶନିବାର କିଶୋରନଗର ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ୨ ଜଣଙ୍କୁ ଗିରଫ କରାଯାଇଛି। ଅଙ୍ଗପଡା ଗ୍ରାମରେ ଚଢ଼ାଉ କରାଯାଇ ଧବଳେଶ୍ୱର ବେହେରାଙ୍କ ଘରୁ ୪୦ ଲିଟର ଚୋରା ଦେଶୀ ମହୁଲି ମଦ, କତଡା ଗ୍ରାମରେ ଚଢ଼ାଉ କରାଯାଇ ରମାକାନ୍ତ ମିର୍ଦ୍ଧାଙ୍କ ଘରୁ ୩୫ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ସେମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଁଣ୍ଡା ଅବକାରୀ ଉପ ନିରୀକ୍ଷକ ରଞ୍ଜିତା ହରିଚନ୍ଦନ, ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଚଢ଼ାଉ କରି ମଦ ଜବତ ସହ ଉଭୟଙ୍କୁ ଗିରଫ କରିଥିଲେ।

# ରାସ୍ତା ପାର୍ଶ୍ୱରୁ ହଟିବେ ବିହାରୀ ବ୍ୟବସାୟୀ

**ଅନୁଗୋଳ ଅଫିସ, ୨୫।୩**



- ଜବରଦଖଲ ସହ ବଢ଼ାଉଛନ୍ତି ଟ୍ରାଫିକ ଅବ୍ୟବସ୍ଥା
- ଅନେକ ସମୟରେ ହେଉଛନ୍ତି ବାଡ଼ିଆପିଟା
- ପୌର ପରିଷଦ ବୈଠକରେ ହୋଇଛି ଆଲୋଚନା

ଅନୁଗୋଳ ସହରର ବିଭିନ୍ନ ରାସ୍ତା ପାର୍ଶ୍ୱରେ ଜବରଦଖଲ କରି ଟ୍ରାଫିକ ଅବ୍ୟବସ୍ଥାର କାରଣ ସାଜିଥିବା ବିହାରୀ ବ୍ୟବସାୟୀଙ୍କୁ ହଟାଇ ଦିଆଯିବ। ଏ ନେଇ ଅନୁଗୋଳ ପୌରପରିଷଦ ବୈଠକରେ ଆଲୋଚନା ହୋଇଛି। କାଉନସିଲରଙ୍କ ସହ ନଗରପାଳ ଏଥିରେ ଏକମତ ମଧ୍ୟ ହୋଇଛନ୍ତି। ଏ ନେଇ ପୌରପରିଷଦ ବୈଠକରେ ରିଜୋଲ୍ୟୁଶନ ମଧ୍ୟ କରାଯାଇଛି। ବିହାରୀ ବ୍ୟବସାୟୀ ହଟିଗଲେ ସେଠାରେ ସ୍ଥାନୀୟ ଲୋକଙ୍କୁ ବ୍ୟବସାୟ କରିବାର ସୁଯୋଗ ମିଳିବ। ଠେଲାଗୁଡ଼ିକୁ ପୌରପାଳିକା ପକ୍ଷରୁ ନମ୍ବରିଂ କରାଯାଇ ବ୍ୟବସାୟ କରିବାକୁ ଇଚ୍ଛୁକ ଗରିବ ଲୋକଙ୍କୁ ପ୍ରଦାନ କରାଯିବ। ଫଳରେ ରାଜ୍ୟ ବାହାରକୁ ଯାଇ ମଜୁରି ଖଟୁଥିବା ସହରର ବହୁ ଗରିବ ଲୋକେ ବ୍ୟବସାୟ କରି ଲାଭବାନ ହୋଇପାରିବେ ବୋଲି ପୌରପାଳିକା ପକ୍ଷରୁ ପ୍ରସ୍ତାବ ରଖାଯାଇଛି।

ଅନୁଗୋଳ ସହର ଥାନା ଛକରୁ ବୁଢ଼ୀ ଠାକୁରାଣୀ ଛକ ଯାଏ ରାଜପଥ ପାର୍ଶ୍ୱକୁ ଏହି ବିହାରୀ ବ୍ୟବସାୟୀମାନେ କବ୍‌ଜାରେ ରଖିଛନ୍ତି। ଫଳରେ ଥାନା ଛକରୁ ରାଜା ଛକ, ରାଜା ଛକରୁ ମେଡିକାଲ ଛକ, ମେଡିକାଲ ଛକରୁ ଡେଲି ମାର୍କେଟ ଛକରେ ରାସ୍ତା ସଂକୀର୍ଣ୍ଣ ହୋଇପଡୁଛି। ଏଥିଯୋଗୁ ଯାତାୟାତରେ ସମସ୍ୟା ହେଉଛି। ଟ୍ରାଫିକ୍ ଅବ୍ୟବସ୍ଥା ଦେଖାଦେଉଛି। ଅନେକ ସମୟରେ ବ୍ୟବସାୟଗତ ପ୍ରତିଦ୍ୱନ୍ଦ୍ୱିତାକୁ ନେଇ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ, ମାଡପିଟ୍ ହେଉଛି। ଏଥିପାଇଁ ସାଧାରଣ ଲୋକେ ଅଡୁଆରେ ପଡୁଛନ୍ତି। ବିହାରୀ ବ୍ୟବସାୟୀଙ୍କ ସଂଖ୍ୟା ମଧ୍ୟ ଧୀରେ ଧୀରେ ବଢ଼ିବାରେ ଲାଗିଛି। ସେମାନେ ନିଜ ସମ୍ପର୍କୀୟଙ୍କୁ ବିହାରରୁ ଆଣି ଏଠାରେ ନୂଆ ବ୍ୟବସାୟରେ ନିୟୋଜିତ କରୁଥିବାରୁ ଦିନକୁ ଦିନ ସମସ୍ୟା ବୃଦ୍ଧିପାଉଛି। ଏହି ବ୍ୟବସାୟୀଙ୍କ ସଂଖ୍ୟା ଏବେ ୪ଶହରୁ ଅଧିକରେ ପହଞ୍ଚିଥିବାରୁ ସ୍ଥାନୀୟ ଲୋକେ ବ୍ୟବସାୟ କରିବାକୁ ସୁବିଧା ସୁଯୋଗ ପାଉନାହାନ୍ତି। ଏହି ବ୍ୟବସାୟୀମାନେ ରାସ୍ତା ଉପରେ ପସରା ମେଲାଉଥିବାବେଳେ ପୌରପାଳିକାର ତାଗିଦ୍‌କୁ ମଧ୍ୟ ଖାତିର କରୁନାହାନ୍ତି। ସହରର କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ସେମାନଙ୍କ ମୁଣ୍ଡ ଉପରେ ଥିବାରୁ ଏମାନେ ଅନୁଗୋଳରେ ଦୀର୍ଘଦିନ ହେଲା ରାଜ୍ କରୁଥିବା କୁହାଯାଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ସେମାନଙ୍କୁ ରାସ୍ତା ପାର୍ଶ୍ୱରୁ ହଟାଇବାକୁ ଜନପ୍ରତିନିଧିମାନେ ପ୍ରସ୍ତାବ ଦେଇଛନ୍ତି। ଏଥିସହ ସହରରେ ଥିବା ଠେଲା ଗୁଡ଼ିକ ନମ୍ବରିଂ କରାଯାଇ ସ୍ଥାନୀୟ ଲୋକଙ୍କୁ ବ୍ୟବସାୟ ପାଇଁ ପ୍ରଦାନ କରାଯିବ। ବିଶେଷକରି ଆର୍ଥିକ ଅନଟନରେ ରହୁଥିବା ଓ ବାହାର ରାଜ୍ୟକୁ ଯାଇ ମଜୁରି ଖଟୁଥିବା ଲୋକେ ଘର ନିକଟରେ ରହି ବ୍ୟବସାୟ କରିବେ ବୋଲି ପୌର ବୈଠକରେ ପ୍ରସ୍ତାବ ରଖାଯାଇଛି। ଏଭଳି ପ୍ରସ୍ତାବକୁ ଅନୁଗୋଳର ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ଏ ନେଇ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ବିହାରୀ ବ୍ୟବସାୟୀଙ୍କୁ ହଟାଇବାକୁ ପୌର ପରିଷଦ ବୈଠକରେ ଆଲୋଚନା ହୋଇଛି। ରିଜୋଲ୍ୟୁଶନ ମଧ୍ୟ ପ୍ରସ୍ତୁତ ହୋଇଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପ୍ରଧାନ ଶିକ୍ଷକ, ଶିକ୍ଷକଙ୍କୁ ୫ ବର୍ଷ ଜେଲ

**ଅନୁଗୋଳ ଅଫିସ, ୨୫।୩**

**ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ମୋକଦ୍ଦମାର ରାୟ**



ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଶ୍ରେଣୀଗୃହରେ ବଳାତ୍କାର ଉଦ୍ୟମ କରିଥିବା ପ୍ରଧାନ ଶିକ୍ଷକ କାର୍ତ୍ତିକ ଭୋଇ ଓ ସହକାରୀ ଶିକ୍ଷକ ବାପୁଜୀ ବେଉରାଙ୍କୁ ୫ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ଅନୁଗୋଳ ଜିଲା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ପି.ଆର. ବହିଦାର ଶନିବାର ଏ ସମ୍ପର୍କିତ ମୋକଦ୍ଦମାର ବିଚାର କରି ଅଭିଯୁକ୍ତ ୨ ଶିକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ, ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଅଞ୍ଚଳର ଏକ ଉଚ୍ଚ ବିଦ୍ୟାଳୟରେ ପଢୁଥିବା ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀଙ୍କୁ ୨୦୧୩ ମାର୍ଚ୍ଚ ୩୦ରେ ବଳାତ୍କାର ଉଦ୍ୟମ ହୋଇଥିଲା। ମଧ୍ୟାହ୍ନ ଭୋଜନ ଖାଇ ଘରକୁ ଯିବା ସମୟରେ ସମ୍ପୃକ୍ତା ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ କାର୍ତ୍ତିକ ଭୋଇ ଶ୍ରେଣୀଗୃହକୁ ଭିଡ଼ି ନେଇଥିଲେ। ସେଠାରେ ଥିବା ସହକାରୀ ଶିକ୍ଷକ ବାପୁଜୀ ବେଉରା ଶ୍ରେଣୀଗୃହ କବାଟ ବନ୍ଦ କରି ତାଲା ପକାଇ ଦେଇଥିଲେ। ପ୍ରଧାନ ଶିକ୍ଷକ ବଳାତ୍କାର ଉଦ୍ୟମ କରିବା ସମୟରେ ଛାତ୍ରୀଜଣକ ପାଟି କରିଥିଲେ। ଏହା ଶୁଣି ଉକ୍ତ ବିଦ୍ୟାଳୟରେ ପଢୁଥିବା ସମ୍ପୃକ୍ତା ଛାତ୍ରୀଙ୍କ ଭଉଣୀ ଓ ଭାଇ ତୁରନ୍ତ ଘର ଲୋକଙ୍କୁ ଅବଗତ କରିଥିଲେ। ଛାତ୍ରୀଙ୍କ ମା' ଗାଁର କେତେଜଣ ଲୋକଙ୍କୁ ଧରି ବିଦ୍ୟାଳୟରେ ପହଞ୍ଚିବା ସମୟରେ ସହକାରୀ ଶିକ୍ଷକ ବାପୁଜୀ ତୁରନ୍ତ ଶ୍ରେଣୀଗୃହ ତାଲା ଖୋଲି ପ୍ରଧାନ ଶିକ୍ଷକଙ୍କୁ ବାହାର କରିଦେଇ ଛାତ୍ରୀଙ୍କୁ ତାଲା ପକାଇ ଦେଇଥିଲେ। ଏହାପରେ ଦୁହେଁ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଗାଁ ଲୋକେ ଶ୍ରେଣୀ ଗୃହ ତାଲା ଭାଙ୍ଗି ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୦/୧୩ରେ ମାମଲା ରୁଜୁ କରି ଅଭିଯୁକ୍ତ ୨ ଶିକ୍ଷକଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁଶାନ୍ତ କୁମାର ମିଶ୍ର ପରିଚାଳନା କରିଥିଲେ।

# ନଗେନ ସଭାପତି, ଶରତ ସାଧାରଣ ସମ୍ପାଦକ



ଛେଣ୍ଡିପଦା ଓକିଲ ସଂଘର ନୂଆ କର୍ମକର୍ତ୍ତାମାନେ।

**ଛେଣ୍ଡିପଦା,୨୫।୩,(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ନଗେନ କୁମାର ନନ୍ଦ, ଉପ ସଭାପତି ଭାବେ ନକୁଳ ମାଝି, ସହ ସମ୍ପାଦକ ଭାବେ ନିକୁଞ୍ଜ କିଶୋର ପ୍ରଧାନ ବିଜୟୀ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ଶରତ ଚନ୍ଦ୍ର ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ଅଶୋକ କୁମାର ଦ୍ୱିବେଦୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ଓକିଲ ସଂଘର ୪୬ଜଣ ସଦସ୍ୟ ମତଦାନ କରିଥିଲେ। ଭୀମାକାନ୍ତ ଗଡନାୟକ ମୁଖ୍ୟ ନିର୍ବାଚନ ଅଧିକାରୀ ଥିବାବେଳେ ସହକାରୀ ନିର୍ବାଚନ ଅଧିକାରୀ ଭାବେ ବିଜୟ କୁମାର ବେହେରା ଓ ଅଜୟ କୁମାର ବେହେରା ନିର୍ବାଚନ ପରିଚାଳନା କରିଥିଲେ।

# ଦିଲୀପ ପୁନଃ ସଭାପତି ନିର୍ବାଚିତ

**ଅନୁଗୋଳ ଅଫିସ, ୨୫।୩**



ନବନିର୍ବାଚିତ ଅନୁଗୋଳ ଓକିଲ ସଂଘ କର୍ମକର୍ତ୍ତାମାନେ।

ଅନୁଗୋଳ ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିଲୀପ କୁମାର ସାହୁ ପୁନର୍ବାର ସଭାପତି ନିର୍ବାଚିତ ହୋଇଥିବାବେଳେ ସମ୍ପାଦକ ଭାବେ ହିମାଂଶୁ ଭୂଷଣ ସାମଲ ବିଜୟୀ ହୋଇଛନ୍ତି। ଉପସଭାପତି ଭାବେ ନିରୋଦ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ପ୍ରେମାନନ୍ଦ ସାହୁ, କୋଷାଧ୍ୟକ୍ଷ ଭାବେ ପ୍ରଦୀପ ଭୂତିଆ ବିଜୟୀ ହୋଇଛନ୍ତି। ସଭାପତି ପଦ ପାଇଁ ଗୋଟିଏ ଭୋଟ ନାକଚ ହୋଇଥିବାବେଳେ ଉପସଭାପତି ପାଇଁ ଗୋଟିଏ ଓ ସାଧାରଣ ସମ୍ପାଦକ ପାଇଁ ୩ଟି ଭୋଟ ନାକଚ ହୋଇଥିବା ଜଣାପଡ଼ିଛି। ଅନୁଗୋଳ ବାର୍ ଆସୋସିଏଶନ୍ ନିର୍ବାଚନକୁ ଅଶୋକ ପଟ୍ଟନାୟକ, ପ୍ରଶନ୍ନ ବେହେରା, ଦିଲୀପ ପ୍ରଧାନ, ଶିବରାମ ଦେହୁରୀ, ହୃଦୟନାଥ ସାହୁ, ନିତ୍ୟାରଞ୍ଜନ ପଟ୍ଟନାୟକ, ଧର୍ମେନ୍ଦ୍ରନାଥ ମିଶ୍ର, ସତ୍ୟବ୍ରତ ବିଶ୍ୱାଳ, ସତ୍ୟଜିତ ଗଡ଼ନାୟକ, ସୁମନ୍ତ ବିଶ୍ୱାଳ, ସିଦ୍ଧେଶ୍ୱରୀ ମିଶ୍ର, ନିର୍ମଳ ପ୍ରଧାନ, ପ୍ରବୋଧ ମହାପାତ୍ର ଓ ବିଶ୍ୱରଞ୍ଜନ ସିଂହ ପରିଚାଳନା କରିଥିଲେ।

# ସୁଶାନ୍ତ ତୃତୀୟ ଥର ସଭାପତି

**ଆଠମଲ୍ଲିକ, ୨୫।୩ (ଡି.ଏନ.ଏ.)**

ଆଠମଲ୍ଲିକ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ସୁଶାନ୍ତ ମହାପାତ୍ର ଲଗାତାର ତୃତୀୟ ଥର ପାଇଁ ସଭାପତି ଭାବେ ବିଜୟୀ ହୋଇଥିବାବେଳେ ସମ୍ପାଦକ ଭାବେ ଜିତେନ୍ଦ୍ର କୁମାର ମୁଖୀ ବିଜୟୀ ଘୋଷିତ ହୋଇଛନ୍ତି। ଉପସଭାପତି ଭାବେ ଉଗ୍ରସେନ ସେଠୀ, ସହ ସମ୍ପାଦକ ଭାବେ ବିଶ୍ୱ ସୁନ୍ଦର ଦାସ ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ବାମନ କୁମାର ମିଶ୍ର ସୂଚନା ଦେଇଛନ୍ତି। ପୂର୍ବ ଘୋଷିତ ସମୟ ଅନୁଯାୟୀ ସକାଳ ୮ ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। ଓକିଲ ସଂଘର ସମୁଦାୟ ୬୪ ସଭ୍ୟଙ୍କ ମଧ୍ୟରୁ ୬୧ ଜଣ ଭୋଟ ଦେଇଥିଲେ।



ଆଠମଲ୍ଲିକ ଓକିଲ ସଂଘର ବିଜୟୀ କର୍ମକର୍ତ୍ତାମାନେ।

# ଘନଶ୍ୟାମ କ୍ରିମିନାଲ ବାର୍ ସଭାପତି



ଆଠମଲ୍ଲିକ କ୍ରିମିନାଲ ବାର୍ ଆସୋସିଏଶନର ନବ ନିର୍ବାଚିତ କର୍ମକର୍ତ୍ତାମାନେ।

**ବଇଁଣ୍ଡା, ୨୫।୩ (ଡି.ଏନ.ଏ.)**

ଆଠମଲ୍ଲିକ କ୍ରିମିନାଲ ବାର୍ ଆସୋସିଏଶନ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଘନଶ୍ୟାମ ବେହେରା ସଭାପତି ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ଓଁ ଚାନ୍ଦ ଚାରୁ ଚନ୍ଦ୍ରମା ପ୍ରଧାନ, ସମ୍ପାଦକ ଭାବେ ସବ୍ୟସାଚୀ ସିଂସାମନ୍ତ, ସହ ସମ୍ପାଦକ ଭାବେ ବିଧୁ ଭୂଷଣ ବଡ଼ମାଳି, କୋଷାଧ୍ୟକ୍ଷ ଭାବେ ସୁଜିତ କୁମାର ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି। ସେମାନେ ଶନିବାର ସକାଳେ ନିର୍ବାଚନ ଅଧିକାରୀ ସୁଧାଂଶୁ ଶେଖର ବେହେରାଙ୍କ ଠାରେ ନାମାଙ୍କନପତ୍ର ଦାଖଲ କରିଥିଲେ । ହେଲେ ବିପକ୍ଷରେ କୌଣସି ନାମାଙ୍କନପତ୍ର ଦାଖଲ ହୋଇ ନ ଥିବାରୁ ସେମାନଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷଣା କରାଯାଇଥିଲା। ଆଠମଲ୍ଲିକର ବରିଷ୍ଠ ଆଇନଜୀବୀ ଅଞ୍ଜନ କୁମାର ପ୍ରଧାନ ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ସଂକୀର୍ତ୍ତନରେ ପ୍ରକମ୍ପିତ ହେଲା ଘଣ୍ଟିଆନାଳୀ

**କଣିହାଁ, ୨୫।୩ (ଡି.ଏନ.ଏ.)**




ମହିଳା ପୁରୁଷମାନେ କଳସ ଯାତ୍ରାରେ ସାମିଲ ହୋଇଛନ୍ତି।

କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତ ଘଣ୍ଟିଆନାଳୀ ଗ୍ରାମ ଟିକିରା ନଦୀ କୂଳରେ ଶୁକ୍ରବାର ଜଗନ୍ନାଥ ଓଡ଼ିଶୀ ସଂକୀର୍ତ୍ତନ କଳା ପରିଷଦ ପକ୍ଷରୁ ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସଯାତ୍ରା, ଯଜ୍ଞ ଆଦି ପୂଜା କାର୍ଯ୍ୟ କରାଯାଇଥିଲା। ସନ୍ଧ୍ୟାରେ ତାଳଚେର, ପାଲଲହଡ଼ା, ଛେଣ୍ଡିପଦା, କଣିହାଁ ବ୍ଲକ ଓ ଦେବଗଡ଼ ଜିଲାର ବିଭିନ୍ନ ଅଞ୍ଚଳରୁ ଓଡିଶୀ ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। ସଂକୀର୍ତ୍ତନ ମଣ୍ଡଳୀ ବିଭିନ୍ନ ଗ୍ରାମ ପରିକ୍ରମା କରି ଉତ୍ସବସ୍ଥଳକୁ ଯିବାବେଳେ ସେମାନଙ୍କୁ ବନ୍ଦାପନା କରାଯାଇଥିଲା। ସନ୍ଧ୍ୟାରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ନିମନ୍ତ୍ରିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ ପାଲ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ଜିଲାପରିଷଦ ଉପସଭାପତି ରଶ୍ମିତା ସେଠୀ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଭାଜପା ନେତା ଅଶୋକ ମହାନ୍ତି ପ୍ରମୁଖ ଯୋଗଦାନ କରି ଉତ୍ସାହିତ କରିଥିଲେ। ଆୟୋଜକ କଣିହାଁ ଓଡିଶୀ ସଂକୀର୍ତ୍ତନ କଳା ପରିଷଦ ସଭାପତି ମାୟାଧର ସାମଲ, ସମ୍ପାଦକ କାଳନ୍ଦୀ ପ୍ରଧାନ, କାର୍ଯ୍ୟକାରୀ ସଦସ୍ୟ ମଦନମୋହନ ପ୍ରଧାନ, ଦୟାନିଧି ପ୍ରଧାନ, ରବି ନାରାୟଣ ସାହୁ, ଘଣ୍ଟିଆନାଳୀ ନାମ ଯଜ୍ଞ ପରିଚାଳକ ହୃଦୟ ଚନ୍ଦ୍ର ପ୍ରଧାନ, ଫକୀର ଦେହୁରୀ, ଅଜୟ ସାହୁ, କଳାକାର ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ନବୀନା ସାହୁ, ସୁଦର୍ଶନ ସାହୁ, ଦୁଃଶାସନ ପ୍ରଧାନ, ନିଲମ ସାହୁ, ମୁନା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଡେରଙ୍ଗ, ବଡହୀରା, ବାଲିପଙ୍ଗା, କାକୁଡିଆ, ବୋଲ, ଟାକୁଆ ଆଦି ଗ୍ରାମବାସୀ ସହଯୋଗ କରିଥିଲେ।

# ୭୫ ଛାତ୍ରୀଛାତ୍ର ଦେଲେ ମେଧାବୃତ୍ତି ପରୀକ୍ଷା

**ବଇଁଣ୍ଡା, ୨୫।୩ (ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଁଣ୍ଡା ଶିଶୁ ମନ୍ଦିର ପରିସରରେ ଶନିବାର ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ପ୍ରାଦେଶିକ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠମଲ୍ଲିକ, ମାଧପୁର, ଠାକୁରଗଡ଼, ଅନ୍ଥୁଲିଆ, ପାଇକସାହି, ବଇଁଣ୍ଡା, ନାକିଚି, ବାମୁର, ରଣିଆକଟା ଆଦି ୯ଟି ଶିଶୁମନ୍ଦିରର ୭୫ ଛାତ୍ରୀଛାତ୍ର ମେଧା ବୃତ୍ତି ପରୀକ୍ଷା ଦେଇଥିଲେ। ଏଥିରେ ସମଲ ବ୍ୟାରେଜର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ରାଉତ ସୁପରିଣ୍ଟେଣ୍ଡେଣ୍ଟ ଭାବରେ ଯୋଗଦେଇଥିଲେ। ମଧ୍ୟମ ସମ୍ଭାଗ ପାଳକ ବଳରାମ ସାହୁ କେନ୍ଦ୍ରୀୟ ନିରୀକ୍ଷକ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନା କେନ୍ଦ୍ର ପରିଚାଳକ ଭାବେ ଯୋଗଦେଇ ପରୀକ୍ଷା କେନ୍ଦ୍ରଗୁଡିକ ଯାଞ୍ଚ କରିଥିଲେ। ଜ୍ୟୋତ୍ସ୍ନାମୟୀ ପ୍ରଧାନ, ମମତା ବିଶ୍ୱାଳ, ବାପୁଜୀ ଦେହୁରୀ, ଇତିଶ୍ରୀ ସାହୁ, ଗୌରୀ ଶତପଥୀ, ପ୍ରମୋଦିନୀ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରମାନେ ମେଧାବୃତ୍ତି ପରୀକ୍ଷା ଦେଉଛନ୍ତି।

# ନୂତନ ସଭ୍ୟଙ୍କୁ କୃଷିଋଣ ବଣ୍ଟନ

**ଛେଣ୍ଡିପଦା,୨୫।୩(ସ୍ୱ.ପ୍ର.)**




ବ୍ୟାଙ୍କ ସେବା ଓ ଋଣ କର୍ମଶାଳାରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ତଥା ଓଡ଼ିଶା ରାଜ୍ୟ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶ କ୍ରମେ ବ୍ୟାଙ୍କ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମିତି ସମ୍ପାଦକ ସରୋଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତି ସଭାପତି ବିଜୟ କୁମାର ମାଝି, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଛେଣ୍ଡିପଦା ଶାଖା ପରିଚାଳକ ବସନ୍ତ କୁମାର ପ୍ରଧାନ, ଟେଣ୍ଟୁଲୋଇ ସମିତି ସମ୍ପାଦକ ଶିବାନୀ କୁମାର ସାହୁ, ସମିତି ଉପ ସଭାନେତ୍ରୀ ଜ୍ୟୋତ୍ସ୍ନା ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବତନ ସମିତି ସଭାପତି ଲମ୍ବୋଦର ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ଅଧିକାଂଶ ନୂତନ ସଭ୍ୟ ଚାଷୀମାନଙ୍କୁ ଆବଶ୍ୟକ ମୁତାବକ କିଷାନ କ୍ରେଡିଟ କାର୍ଡ ମାଧ୍ୟମରେ କୃଷି ଋଣ ମଞ୍ଜୁର କରାଯାଇଥିବା ବେଳେ ସେମାନଙ୍କୁ କୃଷି ଋଣ ବଣ୍ଟନ କରାଯାଇଥିଲା। ଏଥିରେ ସମିତି ପରିଚାଳନା ପରିଷଦ ସଭ୍ୟାସଭ୍ୟ ତଥା ସଭ୍ୟ ଚାଷୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ କୃପାସିନ୍ଧୁ ସାହୁ, ମହର୍ଗା ସାହୁ, ଧରଣୀଧର ପ୍ରଧାନ, ପ୍ରଭାକର ପ୍ରଧାନ, ସହ ସମ୍ପାଦକ କୁଞ୍ଜବିହାରୀ ସାହୁ, ଡାଟା ଏଣ୍ଟ୍ରିଅପରେଟର ସୁକାନ୍ତ କୁମାର ସାହୁ, କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ଦେହୁରୀ, ହୃଦାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ସେହିପରି ବରପଦା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ମଧ୍ୟ ଏପରି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

# ଆଜି ଚକାଡୋଲା କପ୍ ଫାଇନାଲ

**ଅନୁଗୋଳ ଅଫିସ, ୨୫।୩**



ଦ୍ୱିତୀୟ ସନ୍ଧ୍ୟାରେ ଅତିଥିଙ୍କ ସହ ଖେଳାଳିମାନେ।

ଅନୁଗୋଳ ବିଜୁ ମଇଦାନରେ ଚାଲିଥିବା ଚକାଡୋଲା କପ୍‌ର ଫାଇନାଲ ମ୍ୟାଚ ରବିବାର ସନ୍ଧ୍ୟାରେ ଖେଳାଯିବ। ଅନୁଗୋଳ ରୟାଲ ମାଷ୍ଟର୍ସ କ୍ଲବ ପକ୍ଷରୁ ଆୟୋଜିତ ଏହି ରାଜ୍ୟସ୍ତରୀୟ ଫ୍ଲଡ୍ ଲାଇଟ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ସନ୍ଧ୍ୟାରେ ଗ୍ରୁପ୍ ବି'ର ସମସ୍ତ ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ଅନୁଗୋଳର ଏଲଏଲଜି ଓ ଭୁବନେଶ୍ୱରର ଇମେଜ ଏକାଦଶ ଭିତରେ ଖେଳାଯାଇଥିଲା। ଏଥିରେ ଇମେଜ ଏକାଦଶ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଜରପଡ଼ା ଏଭରଗ୍ରୀନ ଓ ମୁଷାପାପୁଲିର ତେଜ ୱାରିୟର୍ସ ମଧ୍ୟରେ ଖେଳାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ଭାଜପା ଜିଲା ସଭାପତି ଡିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶୁକ୍ରବାର ଅନୁଷ୍ଠିତ ଗ୍ରୁପ ଏ'ର ସେମିଫାଇନାଲରେ ଏମ୍‌ଜିସିସିକୁ ପରାସ୍ତ କରି ଅନୁଗୋଳର ଲୁଟୁ ୱାରିୟର୍ସ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ରବିବାର ସନ୍ଧ୍ୟା ୭ଟାରେ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଖେଳାଯିବ। କ୍ଲବ ସଭାପତି କମଳାକାନ୍ତ ସାହୁ, ଉପସଭାପତି ସୌମ୍ୟରଞ୍ଜନ ସାହୁ, ସମ୍ପାଦକ ଆଦର୍ଶ ସାହୁ, ସହ ସମ୍ପାଦକ ଚନ୍ଦନ କୁମାର ସାହୁ, ବିଶ୍ୱଜିତ ଧଳ, ବିଶ୍ୱଜିତ ପ୍ରଧାନ, ଆକାଶ ମହାରଣା, ଶ୍ରୀକାନ୍ତ ତ୍ରିପାଠୀ, ବିକ୍ରମ ମହାପାତ୍ର, ସ୍ମୃତି ରଂଜନ ଦାସ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

